ONDC

Open Network for Digital Commerce

# ଅନ୍‌ଲାଇନ୍

## ବ୍ୟବସାୟ

## ସହଜ ଏବଂ ସ୍ୱଚ୍ଛ ହୋଇଛି

ଓଏନଡିସି ନେଟୱର୍କରେ କିପରି ବିକ୍ରୟ କରିବେ ତାହାକୁ ଜାଣିବା ପାଇଁ
ସ୍କାନ୍ କରନ୍ତୁ ବା +91 81309 35050 ରେ ହାଏ ଲେଖି ପଠାନ୍ତୁ






ଏହି କାହାଣୀ ସୁରେଶ୍ (ଜଣେ ଅଫଲାଇନ୍ ବିକ୍ରେତା) ଏବଂ କମଳା (ଏକ ଅନଲାଇନ୍ ବିକ୍ରେତା)
ଙ୍କ ଜୀବନ ସମ୍ପର୍କିତ ଅଟେ। ଏହି ଦୁଇଜଣ ନିଜର ବ୍ୟବସାୟରେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ, ଯେପର୍ଯ୍ୟନ୍ତ ତାଙ୍କର ବନ୍ଧୁ ରାଜୁ ତାଙ୍କୁ ଓଏନଡିସି ସହିତ ପରିଚିତ କରାଇନଥିଲେ। ଆସନ୍ତୁ ଜାଣିବା ଯେ ଓଏନଡିସି ତାଙ୍କର ବ୍ୟବସାୟକୁ ପରିବର୍ତ୍ତନ କରିବାରେ କିପରି ସାହାଯ୍ୟ କରିଛି।



ସୁରେଶ ତାଙ୍କର ପରିବାର ସହିତ ଏକ ଗାଁରେ ରହୁଥିଲେ। ସେ ହସ୍ତଶିଳ୍ପ ପ୍ରସ୍ତୁତ କରନ୍ତି ଏବଂ ତାହାକୁ ସ୍ଥାନୀୟ ବଜାରରେ ବିକିଥାନ୍ତି। କିନ୍ତୁ ଏବେ ତାଙ୍କର ବ୍ୟବସାୟ କ୍ଷତିରେ ଚାଲୁଛି।




ଏପରି ଚିନ୍ତାରେ ବିଚଳିତ ହୋଇ, ସୁରେଶ୍ ନିଜର ଆଶଙ୍କାକୁ ଦୂର କରିବା ପାଇଁ ବଜାରକୁ ଯିବାକୁ ନିଷ୍ପତ୍ତି ନେଲେ।

ସୁରେଶ୍ ସ୍ଥାନୀୟ ବଜାରକୁ ଗଲେ। ସେ ନିଜର ଚିନ୍ତାରେ ମଗ୍ନ ଥିଲେ।, ଯେତେବେଳେ ହଠାତ୍ ତାଙ୍କର କାନ୍ଧରେ କେହି ଜଣେ ହାତ ମାରିଲେ।



# ଓଏନଡିସି କଣ?

ରାଜୁ କହିଲେ ଯେ ଓଏନଡିସି କିଣାକିଣି ଏବଂ ବିକ୍ରେତାମାନଙ୍କ ପାଇଁ ଏକ ଓପନ୍ ନେଟୱର୍କ ଅଟେ। ସମସ୍ତ କ୍ରେତା ଓ ବିକ୍ରେତା ଗୋଟିଏ ନେଟୱର୍କରେ ସାମିଲ୍ ହୋଇଥାନ୍ତି, ତାଙ୍କର ବ୍ୟବସାୟର ଆକାର ଯାହା ହୋଇଥାଉ ନା କାହିଁକି ଓ ସେମାନେ ଯେଉଁ କାମ କରନ୍ତୁ ନା କାହିଁକି।






କମଳା ତାଙ୍କୁ କହିଲେ କି, ସେ ଇ-କମର୍ସ ପ୍ଲାଟଫର୍ମରେ ଉଚ୍ଚ କମିଶନର ପଇଠ କରୁଛନ୍ତି ଏବଂ ସଠିକ୍ ସମୟରେ ପଇଠ ପ୍ରାପ୍ତ କରୁ ନାହାନ୍ତି। ଯଦିଓ ସେ ସ୍ୱିଚ୍ କରିବାକୁ ଚାହୁଁଛନ୍ତି, କିନ୍ତୁ ସେ ଏକ ନୂତନ ଇ-କମର୍ସ ପ୍ଲାଟଫର୍ମରେ ଅଧିକ କମିଶନ ଓ ନିୟମ ତଥା ସର୍ତ୍ତାବଳୀରେ ପରିବର୍ତ୍ତନ ବିଷୟରେ ଅନିଶ୍ଚିତ ଅଛନ୍ତି।

ସୁରେଶ କମଳାକୁ ରାଜୁ ସହିତ ତାଙ୍କର ସାକ୍ଷାତ ବିଷୟରେ କହିଲେ, ଓଏନଡିସି ନେଟୱର୍କ ବିଷୟରେ ସଂକ୍ଷେପରେ କହିଲେ ଏବଂ ଏହା ତାଙ୍କୁ କିପରି ସାହାଯ୍ୟ କରିପାରିବ ଜଣାଇଲେ।



ସୁରେଶ, କମଳା ଓ ରାଜୁ ଗାଁର ପଡ଼ିଆରେ ଏକାଠି ହୁଅନ୍ତି। ବିକ୍ରେତା ନେଟୱର୍କର ଅଂଶଗ୍ରହଣକାରୀ ଟିମ୍ ମଧ୍ୟ ସଠିକ୍ ସମୟରେ ଆସି ଯାଆନ୍ତି।




### ଓଏନଡିସି ନେଟୱର୍କ ମାଧ୍ୟମରେ ବିକ୍ରି କରିବାର ଲାଭ

ଯଦି ଆପଣ **ଅଫଲାଇନ୍** ବିକ୍ରୟ କରୁଛନ୍ତି, ତେବେ ଓଏନଡିସି ନେଟୱର୍କ:

- ସୁନିଶ୍ଚିତ କରିବ ଯେ ଆପଣଙ୍କ ବ୍ୟବସାୟକୁ ଅଧିକ ଉପସ୍ଥିତି ମିଳିପାରିବ।
- ଆପଣ ବିକ୍ରେତା ଆପ୍ଲିକେସନକୁ ସୁଇଚ୍ କରିପାରିବେ ଓ ଏହା ବ୍ୟବସାୟକୁ ପ୍ରଭାବିତ କରିବ ନାହିଁ।
- ବ୍ୟବସାୟରେ ସଞ୍ଚାଳନ – ନିବେଶ କମ୍ କରିଥାଏ।

ଯଦି ଆପଣ ପୂର୍ବରୁ ଓଏନଡିସିରେ **ଅନଲାଇନ** ବିକ୍ରି କରୁଛନ୍ତି ତେବେ ଓଏନଡିସି ନେଟୱର୍କ:

- ସମସ୍ତ ବିକ୍ରେତାଙ୍କୁ ଉଚିତ ଓ ସମାନ ସୁଯୋଗ ପ୍ରଦାନ କରିବ।
- ଆପଣଙ୍କୁ ସମଗ୍ର ଭାରତର କ୍ରେତାଙ୍କ ସହିତ ସାମିଲ୍ କରାଇବ
- ସଠିକ ସମୟରେ ପଇଠର ସୁନିଶ୍ଚିତ କରିବ




**ସାମିଲ୍ ହେବା ପାଇଁ ପ୍ରକ୍ରିୟା:**

- **କେଓ୍ୱାଇସି–** ବ୍ୟକ୍ତିଗତ ପରିଚୟ ପାଇଁ
- **ଜିଏସଟି** – ବସ୍ତୁ ଓ ସେବାର ବିକ୍ରୟ ପାଇଁ
- **ବାତିଲ୍ କରାଯାଇଥିବା ଚେକ୍** – ବ୍ୟାଙ୍କ ଆକାଉଣ୍ଟର ବିବରଣୀ ପାଇଁ
- ଆପଣଙ୍କ କାଗଜାତକୁ ଜମା କରନ୍ତୁ।
- ଯେକୌଣସି ବିକ୍ରେତା ଆପ୍ଲିକେସନରେ ଲଗ୍ ଇନ୍ କରନ୍ତୁ।
- ମୂଲ୍ୟ ସହିତ ଆପଣଙ୍କ ଉତ୍ପାଦକୁ ଅନଲାଇନରେ ସାମିଲ୍ କରନ୍ତୁ।
- ଲାଇଭ୍ ଯାଆନ୍ତୁ ଏବଂ ସମଗ୍ର ଭାରତରେ କ୍ରେତାମାନଙ୍କ ସହିତ ସାମିଲ ହୁଅନ୍ତୁ ଓ ଅର୍ଡ଼ରର ଅପେକ୍ଷା କରନ୍ତୁ।

ଥରେ ଅନବୋର୍ଡ଼ ହେବା ପରେ, ଆପଣଙ୍କୁ ଏକ ବିକ୍ରେତା ଆପ୍ଲିକେସନ ପର୍ଯ୍ୟନ୍ତ ପହଞ୍ଚ ମିଳିପାରିବ, ଯେଉଁଠାରେ ଆପଣ ସହଜରେ ଅନଲାଇନ୍ ଅର୍ଡ଼ର ଏବଂ ପେମେଣ୍ଟ ପରିଚାଳନା ତଥା ଟ୍ରାକ୍ କରିପାରିବେ ଏବଂ ନିଜର ଇନଭେଣ୍ଟୋରିକୁ ଅପଡେଟ୍ କରିପାରିବେ।


ମୁଁ ପ୍ରଥମରୁ ହିଁ ଅନଲାଇନରେ ବିକ୍ରୟ କରୁଛି ଏବଂ 20-30%ର କମିଶନ ପ୍ରଦାନ କରୁଛି। ଯଦି ମୁଁ ଓଏନଡିସି ନେଟୱର୍କରେ ସାମିଲ୍ ହୁଏ ତେବେ ମୋତେ କେତେ ପେମେଣ୍ଟ କରିବାକୁ ପଡ଼ିବ?
କମିଶନ ସେହି ବିକ୍ରେତା ନେଟୱର୍କ ଅଂଶଗ୍ରହଣକାରୀଙ୍କ ଉପରେ ନିର୍ଭର କରେ ଯାହାଙ୍କ ସହିତ ଆପଣ କାମ କରିବାକୁ ବାଛିଛନ୍ତି ଏବଂ ଯେଉଁ ବାଣିଜ୍ୟିକ ସର୍ତ୍ତରେ ଆପଣ ପାରସ୍ପରିକ ଭାବରେ ସହମତ ଅଛନ୍ତି ଯାହା 5-20% ମଧ୍ୟରେ ପରିବର୍ତ୍ତନଶୀଳ ଅଟେ।
ଏହା ବହୁତ ବଢ଼ିଆ। କିନ୍ତୁ ଓଏନଡିସି ନେଟୱର୍କ ମୋତେ ଅଧିକ ଗ୍ରାହକଙ୍କ ନିକଟରେ ପହଞ୍ଚାଇବାରେ କିପରି ସହାୟତା କରିବ?
ଥରେ ଯେତେବେଳେ ଆପଣ ଅନବୋର୍ଡ଼ ହୋଇ ଯାଆନ୍ତି, ସେତେବେଳେ ଆପଣଙ୍କର ଉତ୍ପାଦ କାଟଲଗ୍ ନେଟୱର୍କର ସମସ୍ତ କ୍ରେତାଙ୍କୁ ଦେଖାଯିବ। ପେଟିଏମ୍, ମେଶୋ, କ୍ରାଫ୍ଟସଭିଲା, ସ୍ୱାଇସମନି, ପିନକୋଡ୍ (ଫୋନପେ ଦ୍ୱାରା) ଏବଂ ମ୍ୟାଜିକପିନ୍ ପରି ଆପ୍ଲିକେସନରେ କ୍ରୟ କରୁଥିବାସାରା ଦେଶର କ୍ରେତା ଆପଣଙ୍କ ଉତ୍ପାଦକୁ ଅନଲାଇନରେ କ୍ରୟ କରିପାରିବେ।


ଆମେ ଆମର ପେମେଣ୍ଟ କିପରି ପାଇପାରିବୁ?
ପଇଠ ସିଧା ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଯିବ। ବିକ୍ରେତା ନେଟଓ୍ୱର୍କ ଅଂଶଗ୍ରହଣକାରୀଙ୍କ ସହିତ ଆପଣଙ୍କ ବ୍ୟବସାୟ ସର୍ତ୍ତ ଅନୁସାରେ, ଅର୍ଡ଼ର ପୂରଣ ହେବା ପରେ ଆପଣ ଏହାକୁ 3-7 ଦିନ ମଧ୍ୟରେ ପାଇପାରିବେ।
ଏହା ବହୁତ ଭଲ ଲାଗୁଛି ! କିନ୍ତୁ ମୁଁ ଚାହେଁ ନାହିଁ ଯେ ମୋର ବ୍ୟବସାୟ ଆଉ କେହି ଚଲାନ୍ତୁ!
ଆପଣଙ୍କୁ ଏପରି କରିବାର ଆବଶ୍ୟକତା ହେବ ନାହିଁ! ଆପଣ ଆପଣଙ୍କର ଷ୍ଟକର ପରିଚାଳନା କରିପାରିବେ, ନିର୍ଦ୍ଧାରିତ କରିପାରିବେ ଯେ କେଉଁ ବିକ୍ରେତାଙ୍କୁ ବିକିବେ, ମୂଲ୍ୟ ଓ ରିହାତି ସବୁକିଛି ନିଜ ସର୍ତ୍ତରେ ନିର୍ଦ୍ଧାରିତ କରିପାରିବେ। ଆପଣ ଏହାକୁ ନିଜ ସୁବିଧା ଅନୁସାରେ ମଧ୍ୟ ପଠାଇ ପାରିବେ।




**ଅର୍ଡ଼ରକୁ କିପରି ପୂରଣ କରିବେ?**

ବିକ୍ରେତାମାନଙ୍କୁ ବିକ୍ରେତା ଆବେଦନର ଡାସବୋର୍ଡ଼ରେ ଅର୍ଡ଼ର ସୂଚନା ମିଳିବ। ସେ ଷ୍ଟକ୍ ଉପଲବ୍ଧତା ଏବଂ ଅନ୍ୟ ବିବରଣୀ ଅନୁସାରେ ଅର୍ଡ଼ରକୁ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିପାରିବେ।

**ପ୍ୟାକେଜିଂ ଗାଇଡଲାଇନ୍:**

- ଏକ ମଜବୁତ୍ ବାହ୍ୟ ପ୍ୟାକେଜିଂ ସାମଗ୍ରୀର ବ୍ୟବହାର କରନ୍ତୁ।
- ସର୍ବାଧିକ ସୁରକ୍ଷା ପାଇଁ ଆପଣଙ୍କ ଉତ୍ପାଦକୁ ଡବଲ୍ ରାପ୍ କରନ୍ତୁ।
- ସଠିକ୍ ପ୍ୟାକେଜରେ ସଠିକ୍ ସିପିଂ ଲେବଲର ବ୍ୟବହାର କରନ୍ତୁ।
- ପ୍ୟାକେଜରେ ଅର୍ଡ଼ର ଚାଲାଣ ରଖନ୍ତୁ।
- ଯେଉଁଠାରେ ଆବଶ୍ୟକ ଭଙ୍ଗୁର (Fragile) ଲେବଲ ଲଗାନ୍ତୁ।




ହରି ହସିଲେ ଏବଂ ଅନେକ ବିକ୍ରେତାଙ୍କୁ ଅନବୋର୍ଡ଼ କରିବାରେ ସହାୟତା କଲେ। କାର୍ଯ୍ୟ ସଫଳତାର ସହିତ ହେଲା ଏବଂ ସନ୍ଧ୍ୟା ସମୟରେ ସୁରେଶ, କମଳା ଖୁସି ମନରେ ଘରକୁ ଫେରିଲେ। ସରକାର ସମର୍ଥିତ ପଦକ୍ଷେପ ଭାବରେ ଓଏନଡିସି ତାଙ୍କର ସମସ୍ୟାର ସମାଧାନ କରିପାରିବ।

ଆଜି, ସୁରେଶନ୍ ଅନଲାଇନ୍ ନେଟୱର୍କରେ ଏକ ସଫଳ ବ୍ୟବସାୟର ପରିଚାଳନା କରୁଛନ୍ତି।




ସେ ଏକ ଲଜିଷ୍ଟିକ୍ସ ସେବା ପ୍ରଦାତାଙ୍କ ସହିତ କାମ କରୁଛନ୍ତି ଯିଏ ଗ୍ରାହକଙ୍କୁ ସୁରକ୍ଷିତ ଭାବରେ ଉତ୍ପାଦ ପ୍ରଦାନ କରନ୍ତି। 7-10 କାର୍ଯ୍ୟ ଦିବସ ପରେ ସେ ତାଙ୍କର ପେମେଣ୍ଟ ପାଇଥାନ୍ତି।

ଏବେ, କମଳା ଓଏନଡିସି ନେଟୱର୍କ ମାଧ୍ୟମରେ ମଧ୍ୟ ବିକ୍ରି କରୁଛନ୍ତି। ଏବେ ତାଙ୍କୁ ପୂର୍ବ ତୁଳନାରେ ଅଧିକ ଅର୍ଡ଼ର ମିଳୁଛି।

କମଳା ଷ୍ଟୋର– ସାପ୍ତାହିକ ରିପୋର୍ଟ
ସର୍ବାଧିକ ବିକ୍ରି ହେଉଥିବା ଉତ୍ପାଦର ବର୍ଗ

କମଳା ବିକ୍ରେତା ଆପ୍ଲିକେସନରେ ଲଗ୍ ଇନ କରନ୍ତି ଏବଂ ଏଥିରେ କିଛି ଉତ୍ପାଦ ପ୍ରକାରକୁ ନିଜର ତାଲିକାରେ ସାମିଲ୍ କଲେ। ଏହା ପରଦିନ ସେ ଅଧିକ ଅର୍ଡ଼ର ନୋଟିଫିକେସନ ପାଇଲେ।



ନିଜର କାମ ସମାପ୍ତ ହେବା ପରେ, ସେ ଆରାମ କରିବା ପାଇଁ ଏକ ଚା ଦୋକାନକୁ ଗଲେ। ସେଠାରେ ସୁରେଶ୍ ଓ ରାଜୁଙ୍କ ସହିତ ଦେଖା ହେଲା, ଯେଉଁମାନେ ପୂର୍ବରୁ ସେଠାରେ କଥା ହେଉଥିଲେ।




ସୁରେଶ୍, ରାଜୁ ଓ କମଳା ତାଳି ମାରିଲେ।

## ବିକ୍ରେତା ନେଟୱାର୍କ ଅଂଶଗ୍ରହଣକାରୀ

ଆପଣଙ୍କୁ ଓଏନଡିସି ନେଟୱର୍କରେ ପଞ୍ଜୀକରଣ ଓ ଅନବୋର୍ଡ଼ କରିବା ପାଇଁ ସହାୟତା କରିବୁ ଯେଉଁଠାରେ ଆପଣ ଆପଣଙ୍କର ଉତ୍ପାଦକୁ ଅନଲାଇନରେ ବିକ୍ରି କରିପାରିବେ।

## କ୍ରେତା ନେଟୱାର୍କ ଅଂଶଗ୍ରହଣକାରୀ

ଏହି ଆପ୍ଲିକେସନରେ କ୍ରେତାମାନେ ଆପଣ ଅନଲାଇନରେ ବିକ୍ରି କରୁଥିବା ଉତ୍ପାଦକୁ ଓନଡିସି ନେଟୱର୍କ ମାଧ୍ୟମରେ ଦେଖିପାରିବେ।

## ଲଜିଷ୍ଟିକ୍ ସେବା ପ୍ରଦାନକାରୀ

ଗ୍ରାହକଙ୍କୁ ଆପଣଙ୍କ ଉତ୍ପାଦ ବିତରଣ କରିବା ପାଇଁ, ଆପଣ ବିଭିନ୍ନ ପ୍ରକାରର ଲଜିଷ୍ଟିକ୍ ସେବା ପ୍ରଦାନକାରୀଙ୍କ ଠାରୁ ଆପଣଙ୍କର ନିଜସ୍ୱ ବିତରଣ ସେବା ଗୁଡିକର ସର୍ତ୍ତାବଳୀ ବାଛିପାରିବେ ।

ନେଟୱାର୍କ ଅଂଶଗ୍ରହଣକାରୀ ମାନଙ୍କ ସହିତ ସ୍କାନ୍ ଏବଂ ସଂଯୋଗ କରନ୍ତୁ ।

# ONDC ନେଟଓ୍ୱର୍କ 500+ ସହରରେ 3 ଲକ୍ଷ+ ବିକ୍ରେତା/ସେବା ପ୍ରଦାନକାରୀଙ୍କ ସହିତ ଲାଇଭ୍ ରହିଛି

**16**
**କ୍ରେତା**
ନେଟଓ୍ୱାର୍କ
ଅଂଶଗ୍ରହଣକାରୀ

**43**
**ବିକ୍ରେତା**
ନେଟଓ୍ୱାର୍କ
ଅଂଶଗ୍ରହଣକାରୀ

**13**
**ଲଜିଷ୍ଟିକ୍**
ସେବା
ପ୍ରଦାନକାରୀ

**1**
**କୋଟି+** ଉତ୍ପାଦ
ଓଏନଡିସିରେ
ଉପଲବ୍ଧ ରହିଛି

ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି

*Statistics - As of February 2024

ONDC ନେଟୱାର୍କ
ଉତ୍ପାଦ ବର୍ଗ ଏବଂ
ସହର ଗୁଡିକରେ ଦ୍ରୁତ
ଗତିରେ ବିସ୍ତାର କରୁଛି ।

#VocalForLocal
#AtmanirbharBharat



## କଣ ଆପଣ ଓଏନଡିସି ନେଟୱ୍ୱର୍କ ମାଧ୍ୟମରେ ଅନଲାଇନ୍ ବିକ୍ରି ଆରମ୍ଭ କରିବା ପାଇଁ ପ୍ରସ୍ତୁତ ଅଛନ୍ତି?

**ଯେକୌଣସି ବିକ୍ରେତା ନେଟୱ୍ୱର୍କ ଅଂଶଗ୍ରହଣକାରୀଙ୍କ ସହିତ ସାମିଲ୍ ହୁଅନ୍ତୁ।**

**ଓଏନଡିସି ନେଟୱ୍ୱର୍କରେ କିପରି ବିକ୍ରୟ କରିବେ ତାହାକୁ ଜାଣିବା ପାଇଁ ସ୍କାନ୍ କରନ୍ତୁ ବା +91 81309 35050 ରେ ହାଏ ଲେଖି ପଠାନ୍ତୁ**

---

ଦେଖନ୍ତୁ www.ondc.org/sellers
ସମଗ୍ର ଭାରତରେ ଅନ୍ୟ ବିକ୍ରେତାମାନଙ୍କୁ ଓଏନ୍‌ଡିସି ନେଟୱାର୍କ ମାଧ୍ୟମରେ ବିକ୍ରୟ କରିବା ପାଇଁ ।

ଡିଜିଟାଲ କମର୍ସ ପାଇଁ ଓପନ ନେଟୱ୍ୱର୍କ @ 2023
**ଡିପିଆଇଆଇଟି, ଭାରତ ସରକାରଙ୍କ ଦ୍ୱାରା ଏକ ପଦକ୍ଷେପ।**

ଅଧିକ ବିବରଣୀ ପାଇଁ ଆମକୁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।
team@ondc.org

**ପ୍ରତ୍ୟାଖ୍ୟାନ :** ଏହି ହ୍ୟାଣ୍ଡବୁକ୍ (ପୁସ୍ତିକା) କେବଳ ଦର୍ଶକ (ଭ୍ୟୁୟର)ଙ୍କ ସୂଚନା ପାଇଁ ଅଟେ। ଏହି ହ୍ୟାଣ୍ଡବୁକରେ ସାମିଲ୍ ଯେକୌଣସି ତଥ୍ୟକୁ ଆଇନଗତ ବିଷୟ ବା ପରାମର୍ଶ କିମ୍ବା ଟିକସ ପରାମର୍ଶ ଭାବରେ ଗ୍ରହଣ କରାଯାଇପାରିବ ନାହିଁ। ଓପନ ନେଟୱ୍ୱର୍କ ଫର ଡିଜିଟାଲ୍ କମର୍ସ ଲିମିଟେଡ୍ (ଓଏନଡିସି) ହ୍ୟାଣ୍ଡବୁକରେ ପ୍ରଦାନ କରାଯାଇଥିବା ସୂଚନାର ସମ୍ପୂର୍ଣତା ଓ ସଠିକତା ପାଇଁ କୌଣସି ଦାବୀ କରେ ନାହିଁ କିମ୍ବା କୌଣସି ଗ୍ୟାରେଣ୍ଟି ପ୍ରଦାନ କରେ ନାହିଁ। ଓଏନଡିସି (ଏହାର ପରାମର୍ଶଦାତା, ସବକଣ୍ଟ୍ରାକ୍ଟର, କର୍ମଚାରୀ ଓ ନିର୍ଦ୍ଦେଶକଙ୍କ ସହିତ) କୌଣସି ପ୍ରକାର କ୍ଷତି, ଆନୁସଙ୍ଗିକ, ବିଶିଷ୍ଟ ବା ସମାନ କ୍ଷତି, ଦାବୀ (ଏଥିରେ ଟିକସ ପ୍ରାଧୀକରଣ ତରଫରୁ କରାଯାଇଥିବା ଦାବୀ ସାମିଲ୍ ରହିଛି, କିନ୍ତୁ ଏହା କେବଳ ଏହା ମଧ୍ୟରେ ସୀମିତ ନୁହେଁ) ନ୍ୟାୟାଳୟ ଆଦେଶ/ନ୍ୟାୟିକ ନିଷ୍ପତ୍ତି କିମ୍ବା ଏହି ହ୍ୟାଣ୍ଡବୁକରେ ପ୍ରଦାନ କରାଯାଇଥିବା ସୂଚନା ବା କୌଣସି ଦର୍ଶକଙ୍କ ଦ୍ୱାରା ଉପଯୋଗ କରିବାର ଫଳସ୍ୱରୂପ ଦର୍ଶକ (ସମୂହ) ବା ଦର୍ଶକ (ଙ୍କୁ) ବା ଦର୍ଶକ (ଙ୍କୁ) ସମ୍ବନ୍ଧିତ ବ୍ୟକ୍ତିଙ୍କ ବିପକ୍ଷରେ କୌଣସି ପ୍ରକାର ସରକାରୀ ଏଜେନ୍ସି ବା ପ୍ରାଧୀକରଣଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟାନୁଷ୍ଠାନ (ସାମିଲ୍ ରହିଛି, କିନ୍ତୁ କେବଳ ଏହା ମଧ୍ୟରେ ସୀମିତ ନୁହେଁ) ସହିତ ସମ୍ବନ୍ଧିତ କୌଣସି ପ୍ରକାର କାରଣ ପାଇଁ ଉତ୍ତରଦାୟୀ ବା ଦାୟୀ ରହିବେ ନାହିଁ।